# ରାୟଗଡ଼ାରେ ମ୍ୟାଲେରିଆ ସ୍ଥିତି ସଙ୍ଗିନ

ରାୟଗଡ଼ା,୨୨।୮(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାରେ ମ୍ୟାଲେରିଆ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଗତ ୬ ଦିନରେ ୪୦ରୁ ଉର୍ଦ୍ଧ୍ୱ ଶିଶୁ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇ ବିଭିନ୍ନ ବ୍ଲକରୁ ସ୍ଥାନାନ୍ତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗତ ଜାନୁୟାରୀରୁ ଜୁଲାଇ ସୁଦ୍ଧା ଜିଲାରେ ୪ ହଜାର ୮୪୪ ପଜିଟିଭ ଚିହ୍ନଟ ହୋଇ ଚିକିତ୍ସିତ ହୋଇଥିବା ଜଣାପଡିଛି । ତେବେ ସେମାନଙ୍କ ମଧ୍ୟରୁ ୫ ବର୍ଷରୁ କମ ବୟସ୍କର ୫୩୩ ଶିଶୁ ରହିଥିବା ଜଣାପଡିଛି ।

ଜିଲା ମୁଖ୍ୟ ଚିକିତ୍ସାଳୟ ସୂଚନା ଅନୁଯାୟୀ, ଚଳିତ ବର୍ଷ ଜାନୁୟାରୀରୁ ଜୁଲାଇ ସୁଦ୍ଧା ୩ ଲକ୍ଷ ୨୩ ହଜାର ୩୧୮ ଜଣଙ୍କର ମ୍ୟାଲେରିଆ ପରୀକ୍ଷା କରାଯାଇଥିଲା। ପ୍ରତିଦିନ ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ମ୍ୟାଲେରିଆ ରୋଗୀ ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ହେଲେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାଲେରିଆ ଚିକିତ୍ସା ପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା ନ ଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମ୍ୟାଲେରିଆ ଆକ୍ରାନ୍ତଙ୍କୁ ମୁଖ୍ୟତଃ ମେଡ଼ିସିନ ୱାର୍ଡରେ ଆଡମିଟ୍ କରାଯାଇଥାଏ। କିନ୍ତୁ ମେଡିସିନ ୱାର୍ଡରେ ମୋଟ ମାତ୍ର ୩୭ ଶଯ୍ୟା ରହିଥିବାବେଳେ ରୋଗୀଙ୍କ ସଂଖ୍ୟା ୧୦୦ ସଂଖ୍ୟା ଟପିଯାଉଛି । ଫଳରେ ରୋଗୀମାନେ ଡାକ୍ତରଖାନା ବାରଣ୍ଡାରେ ରହି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଶିଶୁ ବିଭାଗ ୱାର୍ଡରେ ମାତ୍ର ୩୫ଟି ଶଯ୍ୟା ଥିବାବେଳେ ରୋଗୀ ସଂଖ୍ୟା ଢେର ଅଧିକ ରହୁଛି। ଅଭିଭାବକମାନେ ବାଧ ହୋଇ ଛୋଟ ଛୋଟ ଶିଶୁଙ୍କୁ ଧରି ମେଡିକାଲ ଶୌଚାଳୟ ନିକଟରେ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଖୋଦ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯଦି ସ୍ଥିତି ଏଭଳି ତା'ହେଲେ ପିଏଚ୍‌ସି ଏବଂ ସିଏଚ୍‌ସିରେ କିଭଳି ସ୍ୱାସ୍ଥ୍ୟସେବା ମିଳୁଥିବା ତାହା ସହଜେ ଅନୁମେୟ ବୋଲି ବୁଦ୍ଧିଜୀବୀ କହିଛନ୍ତି ।



ଶଯ୍ୟା ଅଭାବରୁ ମ୍ୟାଲେରିଆ ଆକ୍ରାନ୍ତ ରୋଗୀ ତଳେ ଚିକିତ୍ସିତ ହେଉଛନ୍ତି।

ଅନ୍ୟପକ୍ଷେ ଜିଲାରେ ମ୍ୟାଲେରିଆ ନିରାକରଣ ପାଇଁ ଲୋକଙ୍କୁ ସଚେତନ କରାଯିବା ସହ ଔଷଧୀୟ ମଶାରି ବଣ୍ଟନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ୨୦୨୦ ମସିହାରେ ସବୁ ବ୍ଲକ୍‌ରେ ମଶାରି ବଣ୍ଟନ କରାଯାଇଥିବାବେଳେ ୨୦୨୪ରେ ପୁଣି ମଶାରି ମିଳିବ। ହେଲେ ଗ୍ରାମାଞ୍ଚଳରେ ଲୋକେ ସେସବୁକୁ ବ୍ୟବହାର ନ କରି କିଏ ନିଜ କ୍ଷେତରେ ଲଗାଇଥିବା ଗଛଗୁଡିକରେ ଲଗାଉଥିବାବେଳେ ଆଉ କେହି ଔଷଧୀୟ ମଶାରିକୁ ଧୋଇ ବ୍ୟବହୃତ କରୁଛନ୍ତି। ଫଳରେ ଜିଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଉଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଲୋକଙ୍କୁ ସଚେତନତା କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ କହିଛନ୍ତି, ଏବେ ଋତୁ ପରିବର୍ତ୍ତନ ଯୋଗୁ ମ୍ୟାଲେରିଆ ରୋଗୀ ଅଧିକ ଚିହ୍ନଟ ହେଉଛନ୍ତି। ତେବେ ଡାକ୍ତରଖାନାରେ ବେଡ୍ ସମସ୍ୟା ରହୁଥିବାରୁ ଏବେ ସ୍ୱତନ୍ତ୍ର ମ୍ୟାଲେରିଆ ୱାର୍ଡ କରିବାର ଯୋଜନା ନାହିଁ। ନୂତନ କୋଠା ନିର୍ମାଣ ଚାଲିଛି, କିଛି ୱାର୍ଡ ସେଠାକୁ ସ୍ଥାନାନ୍ତର ହେଲା ପରେ ବେଡ୍ ସମସ୍ୟାରେ ସାମାନ୍ୟ ସୁଧାର ଆସିବ ବୋଲି ସେ କହିଛନ୍ତି। ଏଥିସହ ମ୍ୟାଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦମନ କ୍ୟାମ୍ପ ଏବଂ ଗ୍ରାମାଞ୍ଚଳରେ ଡିଡିଟି ସିଞ୍ଚନ ସହ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ରାଉତରାୟ କହିଛନ୍ତି।

- ଜାନୁୟାରୀରୁ ଜୁଲାଇ ପର୍ଯ୍ୟନ୍ତ ଚିହ୍ନଟ ହେଲେଣି ୪୮୪୪
- ୫ବର୍ଷରୁ କମ୍ ୫୩୩ ଶିଶୁ ଚିହ୍ନଟ
- ମ୍ୟାଲେରିଆ ଚିକିତ୍ସା ପାଇଁ ନାହିଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା
- ବାରଣ୍ଡାରେ ଚିକିତ୍ସା ହେଉଛନ୍ତି ରୋଗୀ

## ସଂକ୍ଷେପରେ

### ଆଇନ ସଚେତନତା କାର୍ଯ୍ୟକ୍ରମ



ରାୟଗଡ଼ା,୨୨।୮ (ଆଶିଷ ରଞ୍ଜନ ପଣ୍ଡା)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ପିତାମହଲସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ନିବେଦିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ବିଡ଼ିଓ ଲକ୍ଷ୍ମୀନାରାୟଣ ସାବତ, ଏସ.ଏସ.ଏସ.ଓ ସୀତାକାନ୍ତ ପାଣିଗ୍ରାହୀ, ଆଇନଜୀବୀ ସୀତାରାମ ପଣ୍ଡା, ବାବୁ ରାଜଗୁରୁ ଓ ସ୍କୁଲର ଶିକ୍ଷକମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିବୃନ୍ଦ ସରକାରଙ୍କ ଦ୍ୱାରା ଉପଲବ୍ଧ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଯୋଜନାରେ କିଭଳି ହିତାଧିକାରୀ ନାମ ପଞ୍ଜୀକୃତ କରାଯାଇପାରିବ ସେ ନେଇ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିତାମହଲ ସରପଞ୍ଚ ଓ ଜନସାଧାରଣ ଉପସ୍ଥିତ ରହିଥିଲେ ।

### ଶିକ୍ଷକଙ୍କୁ ୩ ବର୍ଷ ଜେଲ ୫୦ହଜାର ଜରିମାନା

ମାଲକାନଗିରି,୨୨।୮(ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରକାରୀ ଟଙ୍କା ଆତ୍ମସାତ ମାମଲାର ବିଚାର କରି ଜଣେ ଶିକ୍ଷକଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୬ ମାସର କାରାଦଣ୍ଡ ଶୁଣାଇଛନ୍ତ। ୨୨ ଜଣ ସାକ୍ଷୀଙ୍କ ବୟାନ ଓ ୨ ଜଣ ପ୍ରତିପକ୍ଷ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମଙ୍ଗଳବାର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟପ୍ରିୟ ଦାସ ଏହି ରାୟ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଭାବରେ ଗୋପାଳ କୃଷ୍ଣ ପଣ୍ଡା ପରିଚାଳନା କରିଥିଲେ।ସୂଚନା ଅନୁଯାୟୀ, କୋରୁକୋଣ୍ଡା ଶିକ୍ଷା ବ୍ଲକର ମାଟାପାକା ଅପରଗ୍ରେଡ଼ ହାଇସ୍କୁଲର ଅବ୍ୟବସ୍ଥା ନେଇ ପ୍ରଧାନଶିକ୍ଷକ ବିଜୟାନନ୍ଦ ବେହେରାଙ୍କ ବିରୋଧରେ ଗ୍ରାମର କିଛି ବ୍ୟକ୍ତି ତଥା ଗ୍ରାମ ଶିକ୍ଷା କମିଟି ସଦସ୍ୟମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ ତଦନ୍ତ କରିବା ସମୟରେ ପ୍ରଧାନଶିକ୍ଷକ ସରକାରଙ୍କ ରାମସା ପ୍ରୋଜେକ୍ଟରେ ୯,୮୨,୫୬୭ ଟଙ୍କା ଉଠେଇ ଥିବାବେଳେ ସେଥିମଧ୍ୟରୁ ୨,୭୮,୨୫୦ ଟଙ୍କା ପାଖରେ ରଖିଥିବା ଜଣାପଡ଼ିଥିଲା। ସ୍ୱତନ୍ତ୍ର ଅଡ଼ିଟ ପରେ ପ୍ରଧାନଶିକ୍ଷକ ଜଣକ ସରକାରୀ ଅର୍ଥ ଆତ୍ମସାତ କରିଥିବା ଜଣାପଡ଼ିବା ପରେ ଜିଲା ଶିକ୍ଷା ଅଧିକାରୀ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାଲକାନଗିରି ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

### ମୁନିଗୁଡ଼ାରେ ଭାଗବତ ମହୋତ୍ସବ

ମୁନିଗୁଡ଼ା,୨୨।୮(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ଆଦିତ୍ୟ ବାହିନୀ ପକ୍ଷରୁ ପାଇକ ସାହିସ୍ଥିତ ଶ୍ରୀ ପୁରୁଷୋତ୍ତମ ଭାଗବତ ଟୁଙ୍ଗି ଆନୁକୁଲ୍ୟରେ ଭାଗବତ ଉତ୍ସବ ଆୟୋଜିତ ହୋଇଯାଇଛି। ପ୍ରାତଃ କାଳରେ ଶ୍ରୀ ଗଙ୍ଗା ଆବାହନ, କଳସ ସ୍ଥାପନ, ପରେ ଶ୍ରଦ୍ଧାଳୁମାନେ ଭଜନ କୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ। ପରେ ହୋମ, ଯଜ୍ଞ କର୍ମ ପଣ୍ଡିତ ଜଗନ୍ନାଥ ପଣ୍ଡା ସମ୍ପାଦନ କରିଥିଲେ। ୪୭ଟି ଭାଗବତ ଟୁଙ୍ଗିରୁ ବହୁ କର୍ମକର୍ତ୍ତା ଓ ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଟୁଙ୍ଗି ମୁଖ୍ୟ ଏବଂ ଅଞ୍ଚଳର ବିଶିଷ୍ଟ ଭାଗବତ ପ୍ରେମୀଙ୍କୁ ଉପଢୌକନ ଦେଇ ସମ୍ମାନିତ



କରାଯାଇଛି। ମୁନିଗୁଡ଼ା ଆଦିତ୍ୟ ବାହିନୀ ଶାଖା ସମ୍ପାଦକ ପି. ସୁଧାକର ପାତ୍ର ଉପସ୍ଥିତ ଭକ୍ତଙ୍କୁ ସମ୍ବୋଧିତ କରି ସମସ୍ତଙ୍କ ମନରେ ପରୋପକାର ଭାବ ଜାଗ୍ରତ କରାଇବା,ଜଗଦଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଗୋଟିଏ ଟଙ୍କା ଓ ଗୋଟିଏ ଘଣ୍ଟାର ଉଦ୍ଦେଶ୍ୟ ବୁଝାଇବା ସହ ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ ହୋଇ ଆତ୍ମିକ ବିକାଶ କରିବାକୁ ପ୍ରେରଣା ଦେଇଥିଲେ। ଶେଷରେ ସାମୂହିକ ଭାବରେ ହନୁମାନ ଚାଳିଶା ପାଠ, ଆଳତି ଓ ପୁଷ୍ପାଞ୍ଜଳି ପରେ ପ୍ରସାଦ ସେବନ କରାଯାଇଥିଲା। ଶ୍ରୀ ପୁରୁଷୋତ୍ତମ ଭାଗବତ ଟୁଙ୍ଗି ସହ ଆଦିତ୍ୟ ବାହିନୀ ସଭାପତି, ସମ୍ପାଦକ,କୋଷାଧ୍ୟକ୍ଷ,ଜିଲା ସମ୍ପାଦକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପୁନଃ କାର୍ଯ୍ୟକ୍ଷମ ହେବ କୁକୁଡ଼ାଚିଆଁ ଉତ୍ପାଦନ କେନ୍ଦ୍ର

**ଯାନ୍ତ୍ରିକ ତ୍ରୁଟି ଯୋଗୁ ୭ବର୍ଷ ହେଲା ବନ୍ଦ ପଡ଼ିଛି**

ରାୟଗଡ଼ା,୨୨।୮(ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ତଥା ଅଞ୍ଚଳବାସୀଙ୍କ ଜୀବନଜୀବିକା ନିର୍ବାହ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦକରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ରାୟଗଡ଼ା ଜିଲାରେ ତାହାର ସଫଳ ରୂପାୟନ ହୋଇପାରୁନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ରାୟଗଡ଼ା ଓ ଗୁଣପୁରଠାରେ ୨୦୧୬ ରେ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ଆରମ୍ଭ ହୋଇଥିଲା । ତେବେ ଗୁଣପୁରଠାରେ ଗତବର୍ଷ କୁକୁଡ଼ା ଚିଆଁ ଉତ୍ପାଦନ ହୋଇଥିବା ବେଳେ ୨୦୧୭ ପରଠାରୁ ରାୟଗଡ଼ା ସହରରେ ଥିବା କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ବନ୍ଦ ରହିଛି । ଫଳରେ ବେପାରୀମାନେ କୁକୁଡ଼ା ଚିଆଁ ପାଇଁ ଭୁବନେଶ୍ୱର, କଟକ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି।



ଅଚଳ ପଡ଼ିଥିବା କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ।

ପ୍ରକାଶ ଥାଉକି, ଏହି କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରରେ ଏକାଥରେ ୧୫ହଜାର କୁକୁଡ଼ା ଚିଆଁ ଉତ୍ପାଦନ କ୍ଷମତା ରହିଛି । ତେବେ ଯାନ୍ତ୍ରିକ ତ୍ରୁଟି କାରଣରୁ ଏହା ଦୀର୍ଘ ୭ ବର୍ଷ ହେଲା ବନ୍ଦ ପଡ଼ିରହିଛି। ଉକ୍ତ ଉତ୍ପାଦନ କେନ୍ଦ୍ର ମେଶିନ ମାଧ୍ୟମରେ ବଏଲର, ଦେଶୀ କୁକୁଡ଼ା ଓ ବତକ ଅଣ୍ଡା ଆଦିରୁ ଚିଆଁ ଉତ୍ପାଦନ କରିହୁଏ । ତେବେ ଦୀର୍ଘ ବର୍ଷ ଧରି ଏହା ବନ୍ଦ ରହିଥିବାରୁ କୁକୁଡ଼ା ବ୍ୟବସାୟୀମାନେ ବାହାର ସହର ଓ ରାଜ୍ୟ ଉପରେ ନିର୍ଭର କରୁଥିବା କହିଛନ୍ତି । ଏ ନେଇ ଜିଲା ପଶୁ ମୁଖ୍ୟ ଚିକିତ୍ସାଧିକାରୀ ହାଡ଼ିବନ୍ଧୁ ଭୋଇଙ୍କୁ ପଚାରିବାରୁ ସେ ରାୟଗଡ଼ା ଆସିବା ପୂର୍ବରୁ ଏହା ୨୦୧୬ରେ ନିର୍ମାଣ ହୋଇଥିଲା । ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ବନ୍ଦ ପଡ଼ିଥିବା କହିଛନ୍ତି । ବର୍ତ୍ତମାନ ସେ ଏହି କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରକୁ ସଫାସୁତରା କରିବା ସହ ଏହାର ଯନ୍ତ୍ରାଂଶଗୁଡ଼ିକ ମରାମତି କରି ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଯୋଜନା କରିଛନ୍ତି । ଏହି କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ ହେଲେ କୁକୁଡ଼ା ବ୍ୟବସାୟୀମାନେ ବେଶ୍ ଲାଭବାନ ହେବେ ବୋଲି ହାଡ଼ିବନ୍ଧୁ ଭୋଇ କହିଛନ୍ତି ।

## ୯୦ ହଜାର ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ରାୟଗଡ଼ା,୨୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ଜଣେ ବାଇକ୍ ଚାଳକଙ୍କଠାରୁ ଦୁର୍ବୃତ୍ତ ୯୦ ହଜାର ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ବାଇକ୍ ଚାଳକ ଏମ.ସତ୍ୟନାରାୟଣ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି କେକେବିକେ କହଁର ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ତେବେ ଲୁଟ୍ ହୋଇଥିବା ସ୍ଥାନ ନିକଟସ୍ଥ କୋରାପୁଟ ଛକରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ପରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କା ଲୁଟିନେବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏମ. ସତ୍ୟନାରାୟଣ ରାୟଗଡ଼ା ସହରର କପିଳାସ ହୋଟେଲ ଲେନସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର କୃଷି ଗ୍ରାମୀଣ ଶାଖାରୁ ୯୦ହଜାର ଟଙ୍କା ଉଠାଇଥିଲେ । ତେବେ ତାଙ୍କ ବାଇକ ଟାୟାର ପଂଚର ହୋଇଯାଇଥିବାରୁ ସେ ବସଷ୍ଟାଣ୍ଡ ନିକଟସ୍ଥ ଏକ ଗ୍ୟାରେଜରେ ମରାମତି ପାଇଁ ଦେଇ ସେହି ପାଖରେ ବସିଥିଲେ । ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ଗାଡ଼ିରେ ଆସି ବାଇକରେ ଥିବା ଏକ ବ୍ୟାଗରୁ ୯୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି । ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି ।

### ଗାଡ଼ି ସହ କାଠ ଜବତ

ଜୟପୁର, ୨୨।୮(ପବନ ପାଣିଗ୍ରାହୀ)

ଚୋରା କାଠ ଚାଲାଣ ଖବରପାଇ ଜୟପୁର ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇଛି। ପିକ୍‌ଅପରେ କାଠ ଚାଲାଣ ଖବରପାଇ ଜୟପୁର ବନାଞ୍ଚଳର ଢେପଗୁଡ଼ାରେ ଚଢ଼ାଉ କରିଥିଲେ। ବନ ବିଭାଗ କର୍ମଚାରଙ୍କୁ ଦେଖି ଚାଲାଣକାରୀ ଗାଡ଼ି ଛାଡି ଚମ୍ପଟ ମାରିଥିଲେ। ପରେ ଗାଡି ଯାଞ୍ଚ କରିବାରୁ ସେଥିରୁ ୩୮ ଶାଳ ସାଇଜ, ୮ଟି ବିଜା ପଟ୍ଟା ମିଳିଛି। ଏହି ଚଢାଉରେ ଏହି ଚଢ଼ାଉରେ ବନାଞ୍ଚଳ ଅଧିକାରି ସଚ୍ଚିଦାନନ୍ଦ ପରିଡ଼ା, ଫରେଷ୍ଟର ରଞ୍ଜିତା ନାୟକ ସାମିଲ ଥିଲେ।

### ସହରକୁ ସବୁଜ ସୁନ୍ଦର କରିବାକୁ ଚାରାରୋପଣ

ଗୁଣପୁର,୨୨।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସହରାଞ୍ଚଳରେ ମଙ୍ଗଳବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଛକଠାରୁ ହଳଦିଆ ନାଳ, ପୁରୁଣା ବସଷ୍ଟାଣ୍ଡ ଦେଇ ଜଗନ୍ନାଥ ରୋଡ ଅଞ୍ଚଳରେ ବିଭିନ୍ନ



ପ୍ରକାର ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବନ ବିଭାଗର ଫରେଷ୍ଟର ଶିବାନି ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଗୁଲୁଲୁ ପ୍ରଧାନ ଏବଂ କାଉନସିଲର ପ୍ରମୋଦ ଦାସ, ବ୍ଲକ ଉପାଧ୍ୟକ୍ଷ ଶୁଦର୍ଶନ ଶବର ପ୍ରମୁଖ ଉପସ୍ଥିତ ରହିଥିଲେ। ସହରକୁ ସବୁଜ ସୁନ୍ଦର ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଥିବା କୁହାଯାଇଛି।

## ଗୋଳିଆପାଣି ଛାଣି ପିଉଛନ୍ତି ଗ୍ରାମବାସୀ



ପାନୀୟ ଜଳ ପାଇଁ ନଳକୂପ ନିକଟରେ ମହିଳାଙ୍କ ଭିଡ଼।

ଟିକିରି,୨୨।୮ (ପ୍ରଫୁଲ୍ଲ କୁମାର ବେହେରା)

**ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ**

ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ରାୟଗଡା ଜିଲା କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ଯୋଡ଼ିପଦର ଗାଁରେ ଏହି ଯୋଜନା ଫେଲ୍ ମାରିଛି। ଗ୍ରାମରେ ୨ଟି ସୋଲାର ଚାଳିତ ପାଣିଟାଙ୍କି ଥିଲେ ବି ଦୀର୍ଘ ୧ ବର୍ଷ ହେଲା ଏହା ଅଚଳ ହୋଇ ପଡିଥିବାରୁ ପିଇବା ପାଣି ଟୋପାଏ ପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି। ସେହିପରି ଗ୍ରାମରେ ୩ ନଳକୂପ ରହିଛି। ଗୋଟିଏରୁ ବହୁତ୍ କମ୍ ପାଣି ବାହାରୁଥିବାବେଳେ ଅନ୍ୟ ୨ଟିରୁ ଗୋଳିଆପାଣି ବାହାରଥିବାରୁ ଗ୍ରାମବାସୀ ବାଧ ହୋଇ ପାଣିକୁ ଛାଣି ବ୍ୟବହାର କରୁଥିବା କହିଛନ୍ତି।

ଯୋଡ଼ିପଦର ଗ୍ରାମରେ ପ୍ରାୟ ୧୮୦ ପରିବାର ବସବାସ କରୁଛନ୍ତି। ଯେଉଁ ନଳକୂପରୁ ଭଲ ପାଣି ବାହାରୁଛି, ସେଠାରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳୁଛି। ରାତି ଅଧରୁ ମହିଳାମାନେ ପାଣି ସଂଗ୍ରହ ପାଇଁ ଆସି ଲମ୍ବାଲାଇନରେ ଗରା ମାଠିଆ ଧରି ଛିଡା ହୋଇଯାଉଛନ୍ତି। ଏପରିକି କିଏ ଆଗେ ପାଣି ନେବ ତାକୁ ନେଇ ପ୍ରତିଦିନ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଦେଖିବାକୁ ମିଳୁଛି। ଗାଁର ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରପଞ୍ଚ ଡମ୍ବରୁ ମାଝିଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଆମେ ବିଡିଓ ମନୀଷା ଦାସଙ୍କୁ ଜଣାଇଛୁ। ହେଲେ ବ୍ଲକ୍ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୨ ନିର୍ଦ୍ଦୋଷରେ ଖଲାସ, ଅନ୍ୟ ମାମଲାରେ ପୁଣି ଜଣେ ଗିରଫ

ଗୁଣପୁର,୨୨।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଏସ୍‌ଡିଜେଏମ୍ କୋର୍ଟ ଚାକିରି କରାଇଦେବା ନାଁରେ ଏକ ଠକେଇ ମାମଲାର ବିଚାରକରି ୨ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ଗୁଡାରି ଥାନା ଅଧୀନ ଡୁମ୍ବାଗୁଡା ଗ୍ରାମର ନାରାୟଣ ଗରଡିଆ ଏବଂ ଅନ୍ୟ ଜଣେ ହେଲେ ଢେଙ୍କାନାଳ ଜିଲା କଙ୍କଲଣ୍ଡା ଗ୍ରାମର ବିମଳ କୁମାର ଦାସ। ଗୁଣପୁର ଏସ୍‌ଡିଜେଏମ୍ ସାନ୍ତାଶ୍ରୀ ମହାନ୍ତି ଗତ ଗୁରୁବାର ଏହି ମାମଲାର ଶୁଣାଣିକରି ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ତେବେ ବିମଳ ଦାସ ଜେଲରୁ ମୁକୁଳିବା ସମୟରେ ତାଙ୍କ ନାଁରେ ଆଉ ଗୋଟିଏ ମାମଲା ଥିବାରୁ ପୋଲିସ ପୁଣି ଗିରଫକରି ଗୁଣପୁର କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ, ନାରାୟଣଙ୍କ ସହାୟତାରେ ସରକାରୀ ଚାକିରି କରାଇଦେବା କହିବିମଳ ଆଶାୟୀଙ୍କଠାରୁ ପ୍ରାୟ ୧୧ ଲକ୍ଷ ଟଙ୍କା ଠକି ନେଇଥିଲେ।



ପରେ ନାରାୟଣଙ୍କ ଏତଲା କ୍ରମେ ପୋଲିସ ଗତ ଏପ୍ରିଲ ୫ରେ ବିମଳଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସେତେବେଳେ ଗୁଣପୁର ଏସ୍‌ଡିପିଓ ଥିବା ବିକାଶ ରଞ୍ଜନ ବେହୁରା ମାମଲାର ତଦନ୍ତକରି ଏହି ଘଟଣାରେ ନାରାୟଣ ମଧ୍ୟ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲେ। ଫଳରେ ମେ ୧୭ ତାରିଖରେ ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଉଭୟ ଗୁଣପୁର ଜେଲରେ ଥିଲେ। ନାରାୟଣଙ୍କ ପାଇଁ ଅକ୍ଷୟ କୁମାର ଶତପଥୀ ଏବଂ ବିମଳଙ୍କ ପାଇଁ ଉମାଚରଣ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ନାରାୟଣଙ୍କୁ ଅଗଷ୍ଟ ୧୪ରେ ଗୁଣପୁର ଏଡିଜେ କୋର୍ଟରୁ ଜାମିନ ମିଳିଥିଲା। ଜାମିନର ୩ ଦିନ ପରେ ଅର୍ଥାତ୍ ୧୭ ତାରିଖରେ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ବିଚାରଣା ସମୟରେ ଏସ୍‌ଡିଜେଏମ୍‌ଙ୍କ ନିକଟରେ ୧୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଅନ୍ୟପକ୍ଷରେ ଆଦର୍ଶ ବିଦ୍ୟାଳୟରେ ଚପରାସୀ ଚାକିରି କରାଇ ଦେବେ ବୋଲି କହି ରହିଦାସ ପାତିକାଙ୍କଠାରୁ ୩ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗରେ ବିମଳଙ୍କୁ ପୁଣି ଥରେ ପୋଲିସ ଗିରଫ କରି ଗୁଣପୁର ଜେଲକୁ ପଠାଇ ଦେଇଛି। ସୂଚନାଯୋଗ୍ୟ, ନାରାୟଣ ଗରଡିଆ ଜଣେ ବିଜେଡି କର୍ମୀ। ସେ ଗିରଫ ହେବା ସମୟରେ ଦଳର ବରିଷ୍ଠ ନେତାଙ୍କ ସହ ନାରାୟଣଙ୍କ ଫଟୋ ଭାଇରାଲ ହୋଇଥିଲା। ସେହି ସମୟରେ ଏହି ଘଟଣା ଖୁବ୍ ତୁମ୍ବିତୋଫାନ ସୃଷ୍ଟି କରିଥିଲା।

**ଚାକିରି କରାଇଦେବା ନାଁରେ ଠକେଇ ମାମଲା**

## ଲୋକାର୍ପଣର ୫ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଲାନି ବସ୍‌ଷ୍ଟାଣ୍ଡ

ଗୁଡ଼ାରି,୨୨।୮(ପ୍ରମୋଦ କୁମାର ପତି)

ଗୁଡାରି ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ସହ ବସ୍ କର୍ମଚାରୀଙ୍କ ସୁବିଧା ନିମନ୍ତେ ଏନ୍‌ଏସି ପକ୍ଷରୁ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇ ଲୋକାର୍ପଣ ହୋଇଥିଲା। ଉଦ୍‌ଘାଟନର ଦୀର୍ଘ ୫ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ବସ୍‌ଷ୍ଟାଣ୍ଡ ପରିସରରେ ଦୋକାନ ଗୃହ ନିର୍ମାଣ ହେବା ସହ ଭଡ଼ାସୂତ୍ରରେ ନେବା ପାଇଁ କେତେଜଣ ବ୍ୟବସାୟୀ ଅଗ୍ରିମ ଟଙ୍କା ଦେଇଛନ୍ତି। ହେଲେ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହେବା ଯୋଗୁ ଏହି ଦୋକାନ ଗୃହଗୁଡ଼ିକ ମଧ୍ୟ ବନ୍ଦ ରହିଛି।

ଅନ୍ୟପକ୍ଷରେ ସହରର ଗାନ୍ଧୀ ଛକରେ ବସ୍‌ଷ୍ଟାଣ୍ଡ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛି। ଏହି ଛକ ଗୁଡ଼ାରିର ଏକ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ କଲେଜ, ହାଇସ୍କୁଲ, ମେଡ଼ିକାଲ, ଶିଶୁମନ୍ଦିର ଆଦି ଅନୁଷ୍ଠାନ ଏହି ବସ୍‌ଷ୍ଟାଣ୍ଡଠାରୁ ମାତ୍ର ୧୦୦ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ। ଶିକ୍ଷାନୁଷ୍ଠାନଗୁଡ଼ିକ ଅତି ନିକଟରେ ଥିବାରୁ ସବୁବେଳେ ଏହି ସ୍ଥାନରେ ସ୍କୁଲ ଓ କଲେଜ ପିଲାମାନେ ଯାତାୟାତ କରିଥାନ୍ତି। ଏହି ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ସଂକୀର୍ଣ୍ଣ ଓ ଅଣଓସାରିଆ ହୋଇଥିବାରୁ ବସ୍‌ଗୁଡ଼ିକ ବୁଲେଇବା ଓ ଲୋକମାନେ ବସ୍‌ରେ ଚଢ଼ିବା ଓ ଓହ୍ଲେଇବା ସମୟରେ ବହୁତ ଅସୁବିଧା ହୋଇଥାଏ। ସ୍ଥାୟୀ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ୧୮।୦୫।୨୦୧୮ରେ ଏନ୍‌ଏସି ପକ୍ଷରୁ ଲୋକାର୍ପଣ କରାଯାଇଥିଲା।



ଲୋକାର୍ପଣ ଫଳକ ।





ଗୁଡ଼ାରି ନୂଆ ବସ୍‌ଷ୍ଟାଣ୍ଡ।

ହେଲେ ଏହା କେବଳ ଲୋକାର୍ପଣରେ ସୀମିତ ରହିଯାଇଛି। ଏ ସମ୍ପର୍କରେ ଗୁଡାରି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା କହିଛନ୍ତି, ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି ଏବଂ ଖୁବ୍‌ଶୀଘ୍ର ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ। ତେବେ ବସ୍‌ଷ୍ଟାଣ୍ଡଟି ସହରଠୁ ଅଳ୍ପ ଦୂରରେ ଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ବୟସ୍କ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରେ ଧୀରେ ଧୀରେ ସବୁ ଠିକ୍ ହୋଇଯିବ ବୋଲି ପଣ୍ଡା କହିଥିଲେ। ବୟସ୍କ ଯାତ୍ରୀଙ୍କ ସୁବିଧା ପାଇଁ ଏନ୍‌ଏସି ପକ୍ଷରୁ କିଛି ଦିନ ପାଇଁ ବସ୍‌ଷ୍ଟାଣ୍ଡରୁ ଏକ ଅଟୋ ମାଗଣାରେ ଚଳାଚଳ କଲେ ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଦାବି ହୋଇଛି। ଏହାଛଡା ବସ ଷ୍ଟାଣ୍ଡ ପରିସରରେ ପାନୀୟ ଜଳର ସୁବ୍ୟବସ୍ଥା, ଆବଶ୍ୟକ ଦୋକାନ, ଯାତ୍ରୀଙ୍କ ରହିବା ନିମନ୍ତେ ସୁବ୍ୟବସ୍ଥିତ ଆଶ୍ରୟ ସ୍ଥାନ କରିବା ପରେ ଏହା କାର୍ଯ୍ୟକ୍ଷମ ହେଲେ ଠିକ୍ ହେବ ବୋଲି କିଛି ବୁଦ୍ଧିଜୀବୀ ମତ ଦେଇଛନ୍ତି।

### ଗାଡ଼ି ସହ କାଠ ଜବତ

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)- ଚୋରା କାଠ ଚାଲାଣ ଖବରପାଇ ଜୟପୁର ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇଛି। ପିକ୍‌ଅପରେ କାଠ ଚାଲାଣ ଖବରପାଇ ଜୟପୁର ବନାଞ୍ଚଳର ଡେପଗୁଡ଼ାରେ ଚଢ଼ାଉ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଚାଲାଣକାରୀ ଗାଡ଼ି ଛାଡି ଚମ୍ପଟ ମାରିଥିଲେ। ପରେ ଗାଡି ଯାଞ୍ଚ କରିବାରୁ ସେଥିରୁ ୩୮ ଶାଳ ସାଇଜ, ୮ଟି ବିଜା ପଟ୍ଟା ମିଳିଛି। ଏହି ଚଢାଉରେ ଏହି ଚଢ଼ାଉରେ ବନାଞ୍ଚଳ ଅଧିକାରି ସଚ୍ଚିଦାନନ୍ଦ ପରିଡ଼ା, ଫରେଷ୍ଟର ରଞ୍ଜିତା ନାୟକ, ଗୌତମ ସ୍ୱାଇଁ ସାମିଲ ଥିବା ଜଣାପଡ଼ିଛି।

**ସଂକ୍ଷେପରେ**

### ଆମ ପୋଲିସ ସମିତି ବୈଠକ

ପାପଡ଼ାହାଣ୍ଡି,୨୨।୮(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ପରିସରରେ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ସଭାପତିତ୍ୱରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସବଇନ୍ସିପେକ୍ଟର ଶିବାଜୀ ପଣ୍ଡା, ଚନ୍ଦନ କୁମାର ନାୟକ, ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ରାଜକିଶୋର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା, ଅପରାଧ ରୋକିବା, ଟ୍ରାଫିକ ସମସ୍ୟା ଦୂର, ସାଇବର ଠକେଇ, ବାଲ୍ୟବିବାହ ରୋକିବା ଦିଗରେ ପୋଲିସ କାଯ୍ୟକରୁଛି ବୋଲି ମଞ୍ଚାସୀନ ଅଧିକାରୀମାନେ କହିଛନ୍ତି। ପାପଡ଼ାହାଣ୍ଡି ପୂର୍ବତନ ସରପଞ୍ଚ ଗାଁ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଦିନକୁ ଦିନ ବଢୁଥିବା ଟ୍ରାଫିକ ସମସ୍ୟା, ରାତିରେ ରାସ୍ତାରେ ଗୋରୁପଲ ରହୁଥିବାରୁ ଦୁର୍ଘଟଣା ଘଟୁଛି। ରାସ୍ତା କଡ଼ରେ ଅଟୋ ରଖାଯାଉଥିବାରୁ ସମସ୍ୟା ହେଉଛି। ତେଣୁ ଅଟୋ ଷ୍ଟାଣ୍ଡ ବ୍ୟବସ୍ଥା, ରାସ୍ତା କଡ଼ରେ ମାଂସ ଓ ମାଛ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲେ। କେତେଜଣ ଅସାମାଜିକ ବ୍ୟକ୍ତି ରାସ୍ତା କଡ଼ରେ ରହି ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ସମସ୍ତ ସମସ୍ୟା ଦିଗରେ ଦୃଟି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। କାର୍ଯ୍ୟକ୍ରମରେ ଏଏସ୍‌ଆଇ ହରିହର ଭତରା, ଲାବଣ୍ୟ ବେମଲ, ବଂଶୀଧର ଚାଲାନ, ସାମାଜିକ କର୍ମୀ ବବଲୁ ଖାନ, ଭି. ଶ୍ରୀନିବାସ ରାଓ, ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଅର୍ଚ୍ଚନା ପଣ୍ଡା, ଶିକ୍ଷକ ଗୁରୁଦାସ ମେହେର, ଛାତ୍ରୀଛାତ୍ର, ଗ୍ରାମବାସୀ, ଥାନା କର୍ମଚାରୀ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର



କୋରାପୁଟ,୨୨।୮(ଅମିତାଭ ବେହେରା)

ରାଜ୍ୟ ସଂଘର ଆହ୍ୱାନକ୍ରମେ କୋରାପୁଟ ଜିଲା ଉଦ୍ୟାନ, ମୃତ୍ତିକା ସଂରକ୍ଷଣ ଓ କୃଷି ବିଭାଗ ଅଧିକାରୀମାନେ ବିଭିନ୍ନ ଦାବିନେଇ କଲମ ଛାଡ଼ ଆନ୍ଦୋଳନ କରିବାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଅବ୍‌ଦାଲ ଏମ୍ ଅକ୍ତରଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘ ୧୫ ବର୍ଷ ହେବ ଉପରୋକ୍ତ ୩ ବିଭାଗରେ କ୍ୟାଡର ପୁର୍ନଗଠନ କରାଯାଇ ନ ଥିବାରୁ ଅଧିକାରୀମାନେ ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ଅନେକ ଅଧିକାରୀ ଅବସର ନେଇ ସାରିଲେଣି। ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ରାଜ୍ୟ ସଂଘର ଡାକରାକ୍ରମେ ବିଭାଗୀୟ ଅଧିକାରୀମାନେ ୩୧ ତାରିଖରୁ କଲମ ଛାଡ଼ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସ, କଫି ଉପନିର୍ଦ୍ଦେଶକ ରାଘବ ମଲିକ ଓ ଉଦ୍ୟାନ ବିଭାଗ ଜିଲା ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଘର ଅଗଣା, ବାରଣ୍ଡାରେ ପଢ଼ୁଛନ୍ତି ପିଲା

**ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡ଼ି କୋଠା**

କୋଡିଙ୍ଗା,୨୨।୮(ସମରେନ୍ଦ୍ର ପଟ୍ଟନାୟକ)




ମରାମତି ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି ଅଙ୍ଗନୱାଡି କୋଠା। ତେଣୁ କେତେବେଳେ କାହା ଅଗଣାରେ ତ କେତେବେଳେ କାହା ବାରଣ୍ଡାରେ ଚାଲୁଛି ଅଙ୍ଗନୱାଡି କେନ୍ଦ୍ର। ପିଲାଙ୍କୁ କେନ୍ଦ୍ରକୁ ପଠାଇବାକୁ ଉଚିତ ମନୁନାହାନ୍ତି ଅଭିଭାବକ। ଏହାକୁ ନେଇ ଏବେ ଗ୍ରାମରେ ଅସନ୍ତୋଷ ଦାନା ବାନ୍ଧୁଛି। ହିତାଧିକାରୀ ସମନ୍ୱିତ ଶିଶୁ ବିକାଶ ଯୋଜନାର ଠିକ ଲାଭ ଉଠାଇ ପାରୁ ନ ଥିବା ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ଫାର୍ଶାଗୁଡା ପଞ୍ଚାୟତର ବନ୍ଦିଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବନ୍ଦିଗୁଡ଼ା ଅଙ୍ଗନୱାଡି କେନ୍ଦ୍ରରେ ମୋଟ ୫୦ଜଣ ଶିଶୁ ଥିବାବେଳେ ମୋଟ ୯୬ ହିତାଧିକାରୀ ଅଛନ୍ତି। ୨୦୦୭ରେ ନିଜସ୍ୱ ଏକ ଘରେ ଅଙ୍ଗନୱାଡି କେନ୍ଦ୍ର ଆରମ୍ଭ ହୋଇଥିଲା। ବର୍ତ୍ତମାନ ଉକ୍ତ କୋଠାଟି ଭାଙ୍ଗି ନଷ୍ଟ ହୋଇହେବାକୁବସିଲାଣି। ନିଜସ୍ୱ କୋଠା ନ ଥିବାରୁ ଅଙ୍ଗନବାଡି କେନ୍ଦ୍ରର ସରଞ୍ଜାମ ଯଥା ଚେୟାର, ଟେବୁଲ, ଖେଳନା, ଚିକିତ୍ସା ଉପକରଣର ଉପଯୋଗ ହୋଇପାରୁନି ବୋଲି ଅଙ୍ଗନୱାଡି କର୍ମୀ କହିଛନ୍ତି। ଗୋଟିଏ କୋଠରୀରେ ଛୋଟଛୋଟ ପିଲାଙ୍କୁ ଶିକ୍ଷାଦାନ ସହ ଉକ୍ତ କୋଠରୀରେ ରୋଷେଇ ହେଉଥିବାରୁ ସ୍ଥାନ ଅଭାବରୁ ଗର୍ଭବତୀମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସଙ୍କୋଚ ହେଉଛନ୍ତି। ଅଙ୍ଗନୱାଡି କେନ୍ଦ୍ରଟିଏ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବିଡ଼ିଓ, ସରପଞ୍ଚଙ୍କ ନିକଟରେ ଲିଖିତ ଓ ଡାବୁଗାଁ ବିଧାୟକଙ୍କୁ ମୌଖିକ ଭାବେ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଆମେ କୋଷାଗୁମୁଡା ସିଡିପିଓ ଯମୁନା ଭତରାଙ୍କୁ ପଚାରିବାରୁ ବନ୍ଦିଗୁଡ଼ା ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ତଥ୍ୟ ଜିଲା ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ରକୁ ସ୍ଥନାନ୍ତର କରାଯାଇଛି। ନିର୍ମାଣ ପାଇଁ ବିଭାଗକୁ ଜଣାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଶିକ୍ଷକଙ୍କୁ ୩ ବର୍ଷ ଜେଲ, ୫୦ହଜାର ଜରିମାନା

**ସରକାରୀ ଟଙ୍କା ଆତ୍ମସାତ ମାମଲା**

ମାଲକାନଗିରି,୨୨।୮(ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରକାରୀ ଟଙ୍କା ଆତ୍ମସାତ ମାମଲାର ବିଚାର କରି ଜଣେ ଶିକ୍ଷକଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୬ ମାସର କାରାଦଣ୍ଡ ଶୁଣାଇଛନ୍ତ। ୨୨ ଜଣ ସାକ୍ଷୀଙ୍କ ବୟାନ ଓ ୨ ଜଣ ପ୍ରତିପକ୍ଷ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମଙ୍ଗଳବାର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟପ୍ରିୟ ଦାସ ଏହି ରାୟ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଭାବରେ ଗୋପାଳ କୃଷ୍ଣ ପଣ୍ଡା ପରିଚାଳନା କରିଥିଲେ।

ସୂଚନା ଅନୁଯାୟୀ, କୋରୁକୋଣ୍ଡା ଶିକ୍ଷା ବ୍ଲକର ମାଟାପାକା ଅପରଗ୍ରେଡ଼ ହାଇସ୍କୁଲର ଅବ୍ୟବସ୍ଥା ନେଇ ପ୍ରଧାନଶିକ୍ଷକ ବିଜୟାନନ୍ଦ ବେହେରାଙ୍କ ବିରୋଧରେ ଗ୍ରାମର କିଛି ବ୍ୟକ୍ତି ତଥା ଗ୍ରାମ ଶିକ୍ଷା କମିଟି ସଦସ୍ୟମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ ତଦନ୍ତ କରିବା ସମୟରେ ପ୍ରଧାନଶିକ୍ଷକ ସରକାରଙ୍କ ରାମସା ପ୍ରୋଜେକ୍ଟରେ ୯,୮୨,୫୬୭ ଟଙ୍କା ଉଠେଇ ଥିବାବେଳେ ସେଥିମଧ୍ୟରୁ ୨,୭୮,୨୫୦ ଟଙ୍କା ପାଖରେ ରଖିଥିବା ଜଣାପଡ଼ିଥିଲା। ସ୍ୱତନ୍ତ୍ର ଅଡ଼ିଟ ପରେ ପ୍ରଧାନଶିକ୍ଷକ ଜଣକ ସରକାରୀ ଅର୍ଥ ଆତ୍ମସାତ କରିଥିବା ଜଣାପଡ଼ିବା ପରେ ଜିଲା ଶିକ୍ଷା ଅଧିକାରୀ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାଲକାନଗିରି ପୋଲିସ ଆଇପିସି ଧାରା ୪୦୯ରେ ତଦନ୍ତ କରି ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିଲେ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ଏମ୍‌ପି



ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ସହ ଅନ୍ୟମାନେ ।

ମାଲକାନଗିରି,୨୨।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରରେ ଥିବା ବହୁ ପୁରାତନ ଓ ପୌରଣିକ ବାଲିସାଗର ବନ୍ଧକୁ ଗସ୍ତ କରି ଏହାର ଉନ୍ନତୀକରଣ ନେଇ ମଙ୍ଗଳବାର ନବରଙ୍ଗପୁର ଏମ୍‌ପି ସାଂସଦ ରମେଶ ଚନ୍ଦ୍ର ମାଝି ସମୀକ୍ଷା କରିଛନ୍ତି। ମାଝୀ ବାଲିସାଗର ବନ୍ଧନିକଟକୁ ଯାଇ ସେଠାରେ ଏହାର ପୁନଃ ଉଧାର ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ କରିବା ଲାଗି ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ସହ ମଧ ସେ ଆଲୋଚନା କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡକାମୀ, ପୌର ଅଧକ୍ଷ ମନୋଜ ବାରିକ, ଉପ ପୌରଧକ୍ଷା କବିତା ମହନ୍ତ, ପୌର ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ଗୋପାଳ ପଣ୍ଡା, ନୃସିଂହ ଚରଣ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମାଆ ଘର ସୁରକ୍ଷା ସେନା ସଭାପତିଙ୍କ କାର୍ଯ୍ୟାଳୟରେ ଚଢ଼ାଉ

ମାଲାକନଗିରି,୨୨।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ପୋଲିସ ସୋମବାର ମା' ଘର ସୁରକ୍ଷା ସେନା ସଭାପତି ପ୍ରଶାନ୍ତିଲତା ବିଶୋୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳାର ପୋଲିସ ମାଲକାନଗିରି ସଦର ମହକୁମାସ୍ଥିତ ତାଙ୍କ କାର୍ଯ୍ୟାଳୟ ଉପରେ ଚଡାଉ କରଛି। କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର ଯାଞ୍ଚ କରି ପୋଲିସ ତାଙ୍କର ଅନ୍ୟ କୌଣସି ବେନିୟମ କାର୍ଯ୍ୟ ସମ୍ପର୍କରେ ତଦନ୍ତ କରିଥିବା ଜଣାପଡିଛି। ଏ ନେଇ ମାଲକାନଗିରି ସହାକାରୀ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ କହିଛନ୍ତି, ଏବେ ତଦନ୍ତ ଜାରି ରହିଛି। ତଦନ୍ତ ଶେଷ ପରେ ସପୂର୍ଣ୍ଣ ତଥ୍ୟ ହସ୍ତଗତ ହେବ। ଏ ସମ୍ପର୍କରେ ମା ଘର ରାଜ୍ୟ ଅଧକ୍ଷା ରତ୍ନପୂର୍ଣ୍ଣା ମହାନ୍ତି କହିଛନ୍ତି, ମା ଘର ଶାନ୍ତି ସେନା ସଭାନେତ୍ରୀ ପଦରୁ ୨୦୨୨ ରୁ ପ୍ରଶାନ୍ତି ଲତାଙ୍କୁ ବହିଷ୍କାର କରାଯାଇଛି। ସେ ଏକ ନୂତନ ସଙ୍ଗଠନ ମାଆ ଘର ସୁରକ୍ଷା ସେନା ନାମରେ ଗଠନ କରିଛନ୍ତି।




ପୋଲିସ ଚଢ଼ାଉ କରୁଛି ।

## ପୁନଃ ସ୍କୁଲ ଖୋଲିବାକୁ ଚଣାବାଡ ଗ୍ରାମବାସୀଙ୍କ ଦାବି

ଦଶମନ୍ତପୁର, ୨୨।୮ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ ପଞ୍ଚାୟତ ସଦରମହକୁମା ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ଗ୍ରାମବାସୀ ଦାବି କରଛନ୍ତି। ଏହି ପ୍ରାଥମିକ



ବିଦ୍ୟାଳୟଟି ୧୯୭୪ରେ ଗ୍ରାମରେ ସ୍ଥାପିତ ହୋଇଥିଲା। ସଂପୃକ୍ତ ବିଦ୍ୟାଳୟରେ ୩ ଖଣ୍ଡ ଗ୍ରାମ ଢେପଗୁଡା, ଚଣାବାଡ ଏବଂ ବିଲାପୁଟର ୨୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ପିଲାଙ୍କ ସଂଖ୍ୟା କମ ଯୋଗୁ ଏହି ବିଦ୍ୟାଳୟ ସଦର ପଞ୍ଚାୟତଠାରୁ ୧ କିମି ଦୂରରେ ଥିବା କିଟେସ୍ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। ବିଦ୍ୟାଳୟଟି ଚଣାବାଡ ଗ୍ରାମଠାରୁ ଦୂର ହେଉଥିବାରୁ ଉକ୍ତ ବିଦ୍ୟାଳୟକୁ କମ ସଂଖ୍ୟାରେ ପିଲାମାନେ ଅଧ୍ୟନ ପାଇଁ ଯାଉଥିବା ଗ୍ରାମର ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ମୁଦୁଲି, ମନ୍ମଥ ଜାନି, କୃଷ୍ଣ ଚନ୍ଦ୍ର ଜାନି, ବଳରାମ ମୁଦୁଲିଙ୍କ ସହ କେତେକ ଛାତ୍ରୀଛାତ୍ର କହିଛନ୍ତି। ପିଲାମାନେ ବିଦ୍ୟାଳୟ ଦୂର ହେତୁ ନ ଯାଇ ଗୋରୁ ଚରାଇବାକୁ ଯାଉଥିବା କେତେକ ଅଭିଭାବକ ପ୍ରକାଶ କରିଛନ୍ତି। ବନ୍ଦ ହୋଇଥିବା ଆମ ବିଦ୍ୟାଳୟକୁ ପୁନଃ ନ ଖୋଲାଗଲେ ଆମେ ବିଇଓଙ୍କ କାର୍ଯ୍ୟାଳୟରେ ଧାରଣା ଦେବୁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଇଓ ଦୟାସିନ୍ଧୁ ବାଘଙ୍କୁ ପଚାରିବାରୁ ସେ କହିଲେ, ସିଆରସିସିଙ୍କୁ ତଦନ୍ତ ଲାଗି କହିବି। ସେ ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯିବ ବୋଲି ବାଘ କହିଛନ୍ତି।

# ପଙ୍ଗାଙ୍ଗି ଗସ୍ତକଲେ ବିଡିଓ

ପଟ୍ଟାଙ୍ଗି,୨୨।୮(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିବାର ଗୋଟିଏ ଦିନ ପରେ ବିଡିଓ ସୁକାନ୍ତ ପଟ୍ଟନାୟକ ବ୍ଲକର କୋଟିଆ ପଞ୍ଚାୟତକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସେ ପଞ୍ଚାୟତ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଅଜୟରାମ ତରାଇଙ୍କଠାରୁ ପଚାରି ବୁଝିଥିଲେ। ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସରେ କେତେ ଲୋକଙ୍କୁ ଜବ କାର୍ଡ ପ୍ରଦାନ କରାଯାଇଛି। କି ପ୍ରକାର କାର୍ଯ୍ୟ ହୋଇଛି ଏବଂ ଚାଲିଥିବା କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ଏପିଓ ସୌମେନ୍ଦ୍ର ନାୟକଙ୍କୁ ପଚାରି ବୁଝିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତର ମାଡକାର, କୋଟିଆ, ଗଞ୍ଜେଇପଦର, କୁରୁଡିପଦର ଏବଂ ଦେଓମାଳି ଆଦି ସ୍ଥାନରେ ଚାଲିଥିବା କାର୍ଯ୍ୟର ମାନ ତଦାରଖ କରି ଉପସ୍ଥିତ ଗ୍ରାମବାସୀଙ୍କ ସହ ବିଡିଓ ଆଲୋଚନା କରିଥିଲେ। ଆଉ କି ପ୍ରକାରର ଉନ୍ନୟନ କାର୍ଯ୍ୟର ଆବଶ୍ୟକତା ରହିଛି ବୋଲି ସେମାନଙ୍କୁ ପଚାରି ବୁଝିଥିଲେ। ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକରେ କେଉଁ ସମସ୍ୟା ରହିଛି ସେନେଇ ସେ ମାଡକାର ଗ୍ରାମର ମହିଳାମାନଙ୍କ ସହ ବିଡ଼ିଓ ପଟ୍ଟନାୟକ ଆଲୋଚନା କରିଥିଲେ। ଏହି ସମୟରେ ସରପଞ୍ଚ ଲିୟୁ ଗେମେଲ ଓ ଏଇ ବିଶ୍ୱନାଥ ମାଦଲ ଉପସ୍ଥିତ ଥିଲେ।



ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

# ପିଇଓଙ୍କ ଧାରଣାକୁ ସମର୍ଥନ ଦେଲା କ୍ରିୟାନୁଷ୍ଠାନ ସମିତି

ମାଲକାନଗିରି,୨୨।୮(ନୃସିଂହ ଚରଣ ମହାନ୍ତି)

ପିଇଓ ଚାକିରିରେ ପ୍ରବେଶ ନିମନ୍ତେ ଶିକ୍ଷାଗତ ଯୋଗ୍ୟତାକୁ ପରିବର୍ତ୍ତନ କରାଯାଇ ଯୁକ୍ତ ଦୁଇ ଏବଂ ଡିଗ୍ରୀ ଯୋଗ୍ୟତା ମାପଦଣ୍ଡ ରଖାଯାଉ ଏବଂ ପେ ଲେବଲ–୫ରୁ ପେ ଲେବୁଲ –୯କୁ ଉନ୍ନୀତ କରି ୨୧ ହଜାର ୭ ଶହ ଟଙ୍କା ଥିବା ଦରମାକୁ ୩୫ ହଜାର ୪ ଶହ ଟଙ୍କା କରିବା ଓ ୧୦ ବର୍ଷ ଚାକିରି ପୂର୍ଣ୍ଣ କରିଥିବା ପିଇଓଙ୍କ ପଦୋନ୍ନତି ସହ ତାଙ୍କୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଭାବେ ନିଯୁକ୍ତି ଦେବାକୁ ଦାବି କରି ମାଲକାନଗିରି ଜିଲା ପିଇଓ ସଂଘ ସଭାପତି ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ସଂଘର ଏହି ଧାରଣାକୁ ମାଲକାନଗିରି ଜିଲା ଅନୁସୂଚିତ ଜାତି ଜନଜାତି କ୍ରିୟାନୁଷ୍ଠାନ ସମିତି ସମର୍ଥନ ଜଣାଇ ଏହାର ସଭାପତି ଜରା ଶବର ମାଡ଼ି, ସମ୍ପାଦକ ହରିବନ୍ଧୁ ଗଲୋରି, ଉପଦେଷ୍ଟା ଘେନୁ ମୁଦୁଲି, ସଦସ୍ୟ ମୁକେଶ ପଡ଼ିଆମୀ, ଲକମା ମାଡକାମୀ ଓ ସନାତନ କବାସୀ ଧାରଣାରେ ସାମିଲ ହୋଇଛନ୍ତି। ସଂଘର ଦାବିକୁ ନ୍ୟାୟସଙ୍ଗତ ଦର୍ଶାଇ ସରକାର ସମସ୍ତ ଦାବି ତୁରନ୍ତ ପୂରଣ କରିବାକୁ ମତ ଦେଇଛନ୍ତି। ଆଜିର ଧାରଣାରେ ସଂଘ ଉପସଭାପତି ଭୋଳାନାଥ ବିଶ୍ୱାସ, ସାଧାରଣ ସମ୍ପାଦକ କିଶୋର ମହାରଣା, ଦୟାନିଧି ନିମାଲ, ଅଶୋକ ମହାରଣା, ରାଜେନ୍ଦ୍ର ଗୁରୁ, ଦେବେନ୍ଦ୍ରନାଥ ନାୟକ, ରତନ ରାୟ, ନିଖିଲ ବାନାର୍ଜୀ, ଅଶୋକ ମହାରଣା, ମନୋଜ ତାଙ୍ଗୁଲୁଙ୍କ ସହ ଜିଲାର ୧୧୧ଟି ପଞ୍ଚାୟତରେ କାର୍ଯ୍ୟରତ ଅନ୍ୟ ପଞ୍ଚାୟତର ପିଇଓମାନେ ସାମିଲ ହୋଇଛନ୍ତି।

# ଶହୀଦଙ୍କ ଉଦ୍ଦେଶ୍ୟରେ ୨ ହଜାର ଚାରାବର୍ଣ୍ଟନ

ମାଥିଲି, ୨୨।୮(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ମହୁକୁମା ସହିଦ ଲକ୍ଷ୍ମଣ ନାୟକ ଭବନଠାରେ ମଙ୍ଗଳବାର ପ୍ରେରଣା ମହିଳା ଟ୍ରଷ୍ଟ ତରଫରୁ ଲୋକଙ୍କୁ ୨ ହଜାର ଚାରା ବର୍ଣ୍ଟନ କରାଯାଇ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ୧୯୪୨ ଅଗଷ୍ଟ ୨୧ରେ ମାଥିଲିରେ ଇଂରେଜଙ୍କ ଗୁଳିରେ ବହୁ ସଂଗ୍ରାମୀ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରି ଦେଶକୁ ସ୍ୱାଧୀନତା ଦେଇଥିଲେ । ତେବେ ସେହି ବୀର ସ୍ୱାଧୀନତା ସଂଗ୍ରାମୀଙ୍କୁ ଆମେ କେବଳ ଅଗଷ୍ଟ ୨୧ରେ ମନେପକାଇ ପରବର୍ତ୍ତି ସମୟରେ ଭୁଲିଯାଉଛୁ । ସେମାନଙ୍କ ବଳିଦାନକୁ ମନେପକାଇ ଆଗାମୀ ପିଢ଼ିଙ୍କ ଉଦ୍ଦେଶ୍ୟରେ ଏହି ଗୁଳିକାଣ୍ଡ ସ୍ଥାନରେ ଜାତୀୟ ପତକା ଲଗାଇବା ଲାଗି ଟ୍ରଷ୍ଟ ପକ୍ଷରୁ ମହିଳାମାନେ ଏମ୍‌ପି ରମେଶ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମାଥିଲି ରାସ୍ତା ଦେଇଗଲେ ଜାତୀୟ ପତାକାକୁ ଦେଖି ଏହ ମାଟିର ବୀରତ୍ୱ ଗାଥା ସମ୍ପର୍କରେ ମନେ ପକାଇବେ ବୋଲି ଭାଜପା ଜିଲା ନେତ୍ରୀ ସନ୍ତୋଷୀସିନି ପାତ୍ର କହିଛନ୍ତି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ଓ କୋରାପୁଟ ଜୟପୁରଠାରେ ଯେମିତି ଜାତୀୟ ପତକା ଲାଗାଯାଇଛି, ସେହିପରି ପତାକା ମାଥିଲି ବ୍ଲକରେ ଲାଗିଲେ ସହିଦଙ୍କ ପ୍ରତି ଏକ ସମ୍ମାନ ହେବ ବୋଲି ସନ୍ତୋଷୀନି ପାତ୍ର ଏମ୍‌ପିଙ୍କୁ ଅନୁରୋଧ କରିଛନ୍ତି।



ପ୍ରେରଣା ମହିଳା ଟ୍ରଷ୍ଟ ତରଫରୁ ଲୋକଙ୍କୁ ଚାରା ବର୍ଣ୍ଟନ କରାଯାଉଛି।

# ଉର୍ମିଳାଙ୍କ ପାଖରେ ଅପହଞ୍ଚ ସରକାରୀ ସହାୟତା

ନବରଙ୍ଗପୁର,୨୨।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ବାସିନୀ ପଞ୍ଚାୟତ ବି.କୁସୁମୀଗୁଡ଼ା ଗ୍ରାମର ଉର୍ମିଳା ଖାତି (୨୪)। ଆଶା କରିଥିଲେ ସ୍ୱାମୀ ଦାଦନ ଖଟିବାକୁ ଯାଇ ଟଙ୍କା ରୋଜଗାର କରି ଟଙ୍କା ପଠାଇଲେ ଘରେ ୬ ପ୍ରାଣୀ ଶାନ୍ତିରେ ଚଳିପାରିବେ। ହେଲେ ଦାଉ ସାଧିଲା ଦଇବ। ହଠାତ୍ ସ୍ୱାମୀଙ୍କ ମୃତ୍ୟୁ ହୋଇଗଲା। ସେତେବେଳକୁ କୋଳରେ ୩ ଶିଶୁ। ତାଙ୍କ ବ୍ୟତୀତ ବୃଦ୍ଧା ଶାଶୁ ଓ ଦିବ୍ୟାଙ୍ଗ ନଣନ୍ଦଙ୍କ ପ୍ରତିପୋଷଣଭାର ପଡ଼ିଲା ଉର୍ମିଳାଙ୍କ ଉପରେ। ପରିବାର ଚଳାଇବା ଚିନ୍ତା ଘାରିଥିବାବେଳେ ଆଶା ଥିଲା ସରକାରୀ ସହାୟତା ମିଳିବ। କିନ୍ତୁ ବାରମ୍ବାର ସରକାରୀ ଯୋଜନା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ମଧ ଉର୍ମିଳାଙ୍କୁ କିଛି ସୁଫଳ ମିଳୁନହିଁ।

ବୃଦ୍ଧା ଶାଶୁ ସୁନାଦେଈ, ଦିବ୍ୟାଙ୍ଗ ନଣନ୍ଦ ଭଗବତୀ ଓ ୩ ସନ୍ତାନଙ୍କୁ ନେଇ ଉର୍ମିଳାଙ୍କ ପରିବାର। ଏମାନଙ୍କର ନା ଅଛି ଜମିବାଡ଼ି ନା ଭଲ ଘର। କାଠ ବହ୍ଲା ଉପରେ ଟିଣ ଛପର ଘର। ପଛ ପଟେ ପ୍ଲାଷ୍ଟର ମଧ କରାଯାଇନାହିଁ। ବର୍ଷାଦିନରେ ଘରେ ପାଣି ପଶୁଛି । ଉର୍ମିଳାଙ୍କ ପାଖରେ ଉଜ୍ଜ୍ୱଳା ଯୋଜନା ପହଞ୍ଚିପାରିନାହିଁ। ଜଙ୍ଗଲକୁ ଯାଇ କାଠ ସଂଗ୍ରହିକରି ଆଣିଲେ ଘରେ ଚୁଲି ଜଳେ। ବାପଘରୁ ଯାହା ଦେଲେ ସେଥିରେ ୬ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ବୃଦ୍ଧା ଶାଶୁ ଜଙ୍ଗଲକୁ ଯାଇ କାଠ, ପତ୍ର ଆଣି ବିକ୍ରିକରି ଦୁଇ ପଇସା ଆଣିଲେ ସେଥିରେ ପରିବାର ଚଳେ ବୋଲି ସେମାନେ କହିଛନ୍ତି । ନ ହେଲେ କିଏ ସାହି ପଡ଼ିଶା ଖାଦ୍ୟ ଦେଲେ ପେଟ ଭରେ। କିଛି ନ ମିଳିଲେ ପେଟରେ ଓଦାକନା ଦେଇ ଶୋଇବାକୁ ବାଧ ବୋଲି ଉର୍ମିଳା କହିଛନ୍ତି।

ସ୍ୱାମୀ ଶ୍ୱଶୁର ବଞ୍ଚିଥିବାବେଳେ ଘର ଭଲରେ ଚଳୁଥିଲା। ୩ ବର୍ଷ ତଳେ ଶ୍ୱଶୁର ହୀରାଧର ଖାତିଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପରିବାରର ସମସ୍ତ ବୋଝ ସ୍ୱାମୀ ଭଗବାନଙ୍କ ଉପରେ ପଡ଼ିଥିଲା। ଅଧିକା ରୋଜଗାର ପାଇଁ ଦେଢ଼ବର୍ଷ ତଳେ କେରଳକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ପ୍ରତି ମାସରେ କାମ କରି ଟଙ୍କା ପଠାଉଥିଲେ। ୨୦୨୨ ଡିସେମ୍ବର ୪ରେ ଭଗବାନଙ୍କ ମୃତ୍ୟୁ ଖବର ଆସିଥିଲା। ଅର୍ଥ ଅଭାବରୁ ମୃତଦେହକୁ କେରଳରୁ ଓଡ଼ିଶା ଅଣାଯାଇ ନ ଥିଲା ବୋଲି ଉର୍ମିଳା କହିଛନ୍ତି। କୋଳରେ ଛୋଟ ପିଲା ଥିବାରୁ ଦୂରକୁ ମଜୁରି କରିବାକୁ ଯାଇପାରୁ ନ ଥିବା ସେ କହିଛନ୍ତି। ବୃଦ୍ଧା ସୁନାଦେଇଙ୍କ ଏକ ଦୁର୍ଘଟଣା ହୋଇଥିବାରୁ ପ୍ରତିମାସ ଔଷଧ ଜରୁରୀ। କିନ୍ତୁ ସେଥିପାଇଁ ମଧ ଟଙ୍କା ଯୋଗାଡ଼ ହୋଇପାରୁ ନ ଥିବା ଉର୍ମିଳା କହିଛନ୍ତି।

ସରକାରୀ ଯୋଜନା ନାମରେ ସୁନାଦେଈଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କିଲୋ ଚାଉଳ ମିଳୁଛି। ବାକି ସବୁ ଯୋଜନା ସାତସପନ। ବାରମ୍ବାର ପଞ୍ଚାୟତରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କୌଣସି ସରକାରୀ ସୁବିଧା ମିଳୁ ନ ଥିବା ଉର୍ମିଳା କହିଛନ୍ତି। ସେହିଭଳି ଦିବ୍ୟାଙ୍ଗ ଭଗବତୀଙ୍କୁ ମଧ ଭତ୍ତା ମିଳୁ ନ ଥିବା ଉର୍ମିଳା କହିଛନ୍ତି। ପରିବାରର ଆର୍ଥିକ ଦୁରବସ୍ଥା ଦେଖି ସହାୟତା ଦେବାକୁ ଦାବି ହୋଇଛି। ଉର୍ମିଳାଙ୍କୁ ରାଶନ କାର୍ଡ, ବିଧବା ଭତ୍ତା ଯୋଗାଇ ଦିଆଯିବ ବୋଲି ନବରଙ୍ଗପୁର ବିଡିଓ ଶିବପ୍ରସାଦ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି।



ଶାଶୁ, ନଣନ୍ଦ ଓ ୩ ପିଲାଙ୍କ ସହ ଉର୍ମିଳା।

## ସଂକ୍ଷେପରେ

### ପଞ୍ଚମ ଦିନରେ ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)

ବିଭିନ୍ନ ଦାବି ପୂରଣ ନେଇ ଜୟପୁର ବ୍ଲକର ପିଇଓମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ମଙ୍ଗଳବାର ଏହି ଅନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଛି। ସେମାନଙ୍କ ୨ଟି ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ୧୭ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସମସ୍ତ ପିଇଓ ଛୁଟିରେ ଯିବେ । ପରେ ଦାବିପୂରଣ ନ ହେବାରୁ ରାଜ୍ୟ ସଂଘର ନିଷ୍ପତ୍ତିରେ ୧୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ଜୟପୁର ସହ କୋରାପୁଟ ପିଇଓମାନେ ସାମିଲ ହେବାକୁ ଯାଇଛନ୍ତି । ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା ଦେବା, ଡିଜିଡିଓକୁ ପଦୋନ୍ନତି କରିବା ଆଦି ସେମାନଙ୍କ ଦାବି ରହିଥିବା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଜୟପୁର ବ୍ଲକ ଶାଖାର ଶ୍ରୀନିବାସ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପାତ୍ର, ଚନ୍ଦ୍ର ଶେଖର ମହାପାତ୍ର, ଭାଗୀରଥି ନାୟକ, ଜୟଶ୍ରୀ ନାୟକ, ସନାତନ ପଣ୍ଡା, ଶିବ ପ୍ରଶାଦ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପିଇଓଙ୍କ ଆନ୍ଦୋଳନ ଯୋଗୁ ପଞ୍ଚାୟତରେ ଅଚଳାବସ୍ଥା ସୃଷ୍ଟି ହୋଇଛି।

### ରତାଖଣ୍ଡି ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)

ଦେଶୀମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରି ୭ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ସଦର ଥାନା ଅନ୍ତର୍ଗତ ରତାଖଣ୍ଡି ଜଙ୍ଗଲରେ ଚଢାଉ ବେଳେ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ବହୁ ମଦଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ ଜବତକରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି। ସୂଚନାଯୋଗ୍ୟ ସୋମବାର ମଧ ଅବକାରୀ କର୍ମଚାରୀମାନେ ପଢେଇକେରା ଜଙ୍ଗଲରେ ଚଢ଼ାଉ କରି ୧ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ।

### ମହୁମାଛି ଆକ୍ରମଣରେ ୬ ଗୁରୁତର, ୯ ଆହତ

ସୁନାବେଡ଼ା, ୨୨।୮ (କୃତ୍ତିବାସ ପ୍ରଧାନ)

କାମ କରିବାକୁ ଯିବାବେଳେ ମହୁମାଛି ଆକ୍ରମଣ କରିଛି। ଏଥିରେ ୬ଜଣ ଗୁରୁତର ଥିବାବେଳେ ୯ଜଣ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରୁ ହାଲ୍ ଡାକ୍ତରଖାନାରେ ୨ଜଣ ଓ ସୁନାବେଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଜଣ ଚିକିତ୍ସିତ ହେଉଥିବା ଜଣାପଡିଛି।



ସୂଚନାନୁଯାୟୀ, ସୁନାବେଡା ହାଲ୍ ଟାଉନସିପ୍ ନର୍ସରୀ ପଛପଟେ ଥିବା ଚର୍କଲିପୁଟ୍ ଗାଁର କେତେଜଣ ଯୁବତୀ, ମହିଳା ଓ ପୁରୁଷ କାମ କରିବାକୁ ଯାଉଥିଲେ। ଏହି ସମୟରେ ନର୍ସରୀ ରାସ୍ତାରେ ମହୁମାଛି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ୧୫ଜଣ ଆହତ ହୋଇଥିଲେ। ଖବର ପାଇ ଗାଁ ଲୋକେ ଆହତଙ୍କୁ ଉଦ୍ଧାର କରି ହାଲ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସାମାନ୍ୟ ଆହତ ମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ସୁଚନା ମିଳିଛି।

### ମଦ ଜବତ, ଜଣେ ଗିରଫ

ଏମ୍‌ଭି ୭୯, ୨୨।୮ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୧୨୬ ଗ୍ରାମ କେନାଲ ନିକଟରେ ଚୋରା ମଦ ନେଇ ଯାଉଥିବା ବେଳେ ଏମ୍‌ଭି-୭୯ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ ହୋଇଛନ୍ତି। ସେ ହେଲେ ରାମ ପୂଜନ ଯାଦବ। ସେ କାଲିମେଳାର ଏକ ବାରରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି। ରାମ ପୂଜନ ଯାଦବ ଏକ ନମ୍ବର ବିହୀନ ବାଇକରେ କାଲିମେଳା ବାରଠାରୁ ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ନିଳାକୋଟାକୁ ବେଆଇନ ଭାବେ ମଦ ଚାଲାଣ କରୁଥିବା ସମୟରେ କୌଣସି ସୂତ୍ରରୁ ସୂଚନା ପାଇ ଏସଆଇ ଏନପି ପୂଜାରୀ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଧରିଥିଲେ। ତାଙ୍କ ନିକଟରୁ ଗୋଟିଏ ପେଟି ମଦ ସହ ବାଇକ ଜବତ ହୋଇଛି। କେସ ନଂ. ୧୩୬/୨୩, ୟୁ.ଏସ ୫୨(ଏ)ରେ ମାମଲା ରୁଜୁ କରି ରାମପୂଜନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଶିବିରରେ ଅଭିଯୋଗ କଲେ ମିଳୁନି ସୁଫଳ

ନନ୍ଦପୁର, ୨୨।୮ (ଶଙ୍କର ପୂଜାରୀ)



## କାଦୁଅ ଭର୍ତ୍ତି ରାସ୍ତାରେ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର, ଗ୍ରାମବାସୀ

ନନ୍ଦପୁର ବ୍ଲକ ବାଡେଲ ପଞ୍ଚାୟତର ରାଜସ୍ୱ ଗ୍ରାମ ଖମରା ଗ୍ରାମବାସୀଙ୍କ ସମେତ ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ବର୍ଷାଦିନ ହୀନସ୍ତାର କାରଣ ସାଜିଛି। ବର୍ଷାପାଣି ଯୋଗୁ ଚିକିଟାମାଟି ଓ କାଦୁଅ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି। ଏଥିଯୋଗୁ ଗତ ଦେଢ଼ ମାସ ହେଲା ଗ୍ରାମ ଭିତରକୁ ଦୁଇଚକିଆ ସମେତ ୪ ଚକିଆ ଗାଡ଼ି ଯାତାୟାତ କରିପାରୁ ନାହିଁ। ଏନେଇ ଗତ ୧ମାସ ତଳେ ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗକରି ମଧ କିଛି ସୁଫଳ ମିଳିନାହିଁ। ଗ୍ରାମ ଭିତରେ ପଥରଖଣ୍ଡ ବିଛାଇ ଲୋକେ ଚଳ ପ୍ରଚଳ କରୁଥିବା ବେଳେ ପାଣି କାଦୁଅ ଜମି ଗାଁ ପରିମଳ ଗ୍ରାମରେ ଡେଙ୍ଗୁ ସଂକ୍ରମଣ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ଗ୍ରାମଠାରୁ ୮୦୦ ମିଟର ଦୂରରେ ଥିବା ଖମରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ଲାଗି ରାସ୍ତା ନିର୍ମାଣ କେବେ ହେବ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି ପାଇଁ ୫-ଟି ରୂପାନ୍ତରିତ କରାଯାଇ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ମାର୍ଟ ଶ୍ରେଣୀଗୃହ, ଇ ଲାଇବ୍ରେରି ଓ ବିଜ୍ଞାନାଗାର ନିର୍ମାଣ ହୋଇଛି। ଅଥଚ ବିଦ୍ୟାଳୟକୁ ଯାତାୟାତ ନିମନ୍ତେ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ କାଦୁଅ ଭର୍ତ୍ତି ରାସ୍ତାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଯାତାୟାତ କରୁଛନ୍ତି। ବିଡିଓ ସୁଜିତ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟାଳୟକୁ ଯାତାୟାତ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଟାଲ ମୋରମ ରାସ୍ତା ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କାର ଅନୁମୋଦନ ମିଳିଛି। ଉକ୍ତ ରାସ୍ତାରେ ଚକର ଟାଇଲ ବିଛାଇବାକୁ ୩ ଲକ୍ଷ ଟଙ୍କାର ଅଟକଳ କରାଯାଇ ଜିଲା ପ୍ରଶାସନ ନିକଟକୁ ଅନୁମୋଦନ ଲାଗି ପଠାଯାଇଛି। ଗ୍ରାମ ପରିଦର୍ଶନକରି ରାସ୍ତାର ଦୁରବସ୍ଥା ଦୂର କରିବାକୁ ବ୍ୟବସ୍ଥା କରାଯିବ ବୋଲି ଉଭୟେ କହିଛନ୍ତି।

## ସ୍ୱାଧୀନତାରେ କୋରାପୁଟ ମାଟିର ଅବଦାନ ନେଇ ଆଲୋଚନା

ଦାମନଯୋଡି, ୨୨।୮ (ରାଧାକାନ୍ତ ବ୍ରହ୍ମା)

ବିବେକାନନ୍ଦ ଲୋକ ସଂସଦ ଓଡ଼ିଶାର କୋରାପୁଟ ଜିଲା ବିଚାରଧାରା ଶାଖା ପକ୍ଷରୁ ସ୍ୱାଧୀନତା ସଂଗ୍ରାମରେ କୋରାପୁଟ ମାଟିର ଅବଦାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର୍ ଅମୂଲ୍ୟ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଡ. ପ୍ରଦୀପ ପାଟଯୋଶୀ ସ୍ୱାଗତ ସୂଚନା ଦେଇଥିଲେ। ଅଧାପିକା ମାନସୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଦୁର୍ଗାମାଧବ ପତି ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରି ସ୍ୱାଧୀନତା ସଂଗ୍ରାମରେ କୋରାପୁଟର ଅବଦାନ ସମ୍ପର୍କରେ ସାରଗର୍ଭକ ଆଲୋଚନା କରିଥିଲେ। ପ୍ରଫେସର ଚିତ୍ତରଞ୍ଜନ ନାୟକ, ପ୍ରଫେସର ପ୍ରଳୟ ନନ୍ଦ,ପ୍ରଫେସର ଶଙ୍କର୍ଷଣ ଶତପଥୀ, ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାଧୀନତା ସଂଗ୍ରାମରେ କୋରାପୁଟ ମାଟିର ତ୍ୟାଗ ଓ ଗରିମା ଉପରେ ନିଜ ମତ ରଖିଥିଲେ। ନମିତା ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସୁଶ୍ରୀ ପ୍ରିୟଦର୍ଶିନୀ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ସୁଶ୍ରୀ ଶିବାନୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ପଦ୍ମଗୁଡ଼ା ସମସ୍ୟା ନେଇ ବିଡିଓଙ୍କ ରିପୋର୍ଟକୁ ଗ୍ରାମବାସୀଙ୍କ ବିରୋଧ

କୋରାପୁଟ, ୨୨।୮ (ଅମିତାଭ ବେହେରା)

- ବିଡିଓ, ଅଧୀକ୍ଷଣ ଯନ୍ତ୍ରୀଙ୍କ ମତ ମେଳଖାଉନି
- ୨ ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଛି
- ଠିକ୍ ରୂପେ ଜଳୁନି ଷ୍ଟ୍ରିଟ୍ ଲାଇଟ୍

ପଦ୍ମଗୁଡ଼ା ସମସ୍ୟା ଅନୁଧ୍ୟାନକରି ବିଡିଓ ଜିଲାପାଳଙ୍କୁ ଦେଇଥିବା ରିପୋର୍ଟକୁ ନେଇ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି। ଗତ ସ୍ୱାଧୀନତା ଦିବସରେ ନିଜର ଅଭିନୟ ମାଧ୍ୟମରେ ପଦ୍ମଗୁଡା ଗ୍ରାମର ସମସ୍ୟା ଉପରେ ଆଲୋକପାତ କରିଥିଲେ ୪ ବର୍ଷର ଝିଅ ସୋନାଲି ଦାସ। ଆମ ଗ୍ରାମକୁ ରାସ୍ତା ନାହିଁ ପାଣି ନାହିଁ, ଆମେ ବଡ଼ କଷ୍ଟରେ ଅଛୁ ବାବୁ ଜଣାଇ ଏବେ ଚର୍ଚ୍ଚାରେ ଥିବା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ପଦ୍ମଗୁଡ଼ା ଗ୍ରାମର ଏହି କୁନି ଝିଅ ସୋନାଲିଙ୍କ ନିବେଦନ କେତେ ସତ ଆଉ କେତେ ମିଛ ତାହା ପରଖିବା ପାଇଁ ଦଶମନ୍ତପୁର ବିଡିଓ ପଦ୍ମଗୁଡା ଗ୍ରାମରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀ ବିଡିଓଙ୍କୁ ନିଜର ଅସୁବିଧା ଜଣାଇଥିଲେ। ବିଡିଓଙ୍କ ସହ ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଗ୍ରାମର ସ୍ଥିତି ପରଖିବା ପରେ ବିଡିଓ ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି । ଏଥିରେ ବିଡିଓ ଦେଇଥିବା ତଥ୍ୟ ଭୁଲ୍ ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରିପୋର୍ଟରେ ଦର୍ଶାଯାଇଛି ଯେ ପଦ୍ମଗୁଡା ଗ୍ରାମ ରାସ୍ତା ଆରଡ଼ି ବିଭାଗକୁ ହସ୍ତାନ୍ତର କରାଯାଇଛି। ଆରଡ଼ି ବିଭାଗ ସରକାରଙ୍କୁ ସୁପାରିସ କରିଥିବା କୁହାଯାଇଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତା ହସ୍ତାନ୍ତର ହୋଇନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାକର ବେହେରା କହିଛନ୍ତି। ଏହା ହସ୍ତାନ୍ତର ହୋଇ ନ ଥିବା ବେଳେ କିପରି ସରକାରଙ୍କୁ ଏନେଇ ସୁପାରିସ କରାଯିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିଡିଓ ତାଙ୍କ ରିପୋର୍ଟରେ ଆହୁରି ଉଲ୍ଲେଖ କରିଛନ୍ତି, ଉକ୍ତ ଗ୍ରାମରେ ୬୫ ପରିବାର ବାସ କରୁଛନ୍ତ। ଗ୍ରାମରେ ଦୁଇଟି ନଳକୂପ ଅଛି ଆଉ ଗୋଟିଏ ଖନନ କଲେ ହୋଇଯିବ। ମାତ୍ର ଏହି ୨ଟି ନଳକୂପରୁ ଆଇରନଯୁକ୍ତ ପାଣି ବାହାରୁଛି ଯାହାକି ପିଇବାଯୋଗ୍ୟ ନୁହେଁ। ଗ୍ରାମବାସୀ ନଦୀରେ ଚୁଆ ଖୋଳି ପାଣି ଆଣି ପିଉଛନ୍ତି। ଏହା ବିଡିଓ ତାଙ୍କ ରିପୋର୍ଟରେ ଦର୍ଶାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ୬ଟି ଷ୍ଟ୍ରିଟ୍ ଲାଇଟ ଥିବା ଦର୍ଶାଇଛନ୍ତି। ବାସ୍ତବରେ କୌଣସି ଷ୍ଟ୍ରିଟ୍ ଲାଇଟ ଠିକ୍ ରୂପେ ଜଳୁନାହିଁ। ସେହିପରି ଗ୍ରାମରେ ଥିବା ଅଙ୍ଗନୱାଡି ଗୃହ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଥିବା ଗ୍ରାମବାସୀ ଜେନା ଗରଡ଼ା, ବ୍ରଜ ନାୟକ, ପାଚ ସାଉଁତା, ନିରଞ୍ଜନ ସେମିଟି, ଜିମ୍ବା ସାଉଁତାଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି।

## ଆଜି କୋରାପୁଟ ଜିଲାର ୧୦ ସ୍ଥାନରେ ହେବ ନୂତନ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର

କୋରାପୁଟ, ୨୨।୮ (ଅମିତାଭ ବେହେରା)

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡ଼ିଓ କନଫରେନ୍ସ ମାଧ୍ୟମରେ କୋରାପୁଟ ଜିଲାର ୧୦ଟି ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭିତ୍ତିପ୍ରସ୍ତର ହେବାକୁ ଥିବା ୧୦ଟି ବସଷ୍ଟାଣ୍ଡ ମଧ୍ୟରେ ଜିଲା ସଦର ମହକୁମାରେ ନୂତନ ବସଷ୍ଟାଣ୍ଡ ଗୃହ ନିର୍ମାଣ ପାଇଁ ୩ ଏକର ୨୨ ସେଣ୍ଟ ସ୍ଥାନ ନିରୂପିତ ହୋଇଛି। ଏଥିରେ ପ୍ରାୟ ୧୮ କୋଟି ଟଙ୍କା ହେବ। ସେହିପରି ନନ୍ଦପୁର ବ୍ଲକର ସଦର ମହାକୁମାରେ,ଦଶମନ୍ତପୁର ବ୍ଲକର ପୋଡ଼ଗଡ଼ଠାରେ ପ୍ରାୟ ୨ ଏକରରୁ ଉର୍ଦ୍ଧ୍ୱ ପରିମିତ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରାଯିବ। ସେହିପରି ଲକ୍ଷ୍ମୀପୁର ବ୍ଲକ ସଦର ମହକୁମା, ଲମତାପୁଟ,କୁନ୍ଦୁରା, ପଟାଙ୍ଗୀ, ବୈପାରିଗୁଡା, ନାରାୟଣପାଟଣା ସଦର ମହକୁମା ଓ ବନ୍ଧୁଗାଁ ବ୍ଲକର ଡୁରୁକୁପେଟାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ର କହିଛନ୍ତି।

## ସାଇକେଲ ଆରୋହୀ ବଂଶୀଧରଙ୍କୁ ସମ୍ବର୍ଦ୍ଧନା



ବଂଶୀଧରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)

ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ସବୁଜ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସୁଦୂର ଭୁବନେଶ୍ୱରରୁ ଅଗଷ୍ଟ ୧୩ରେ ସାଇକେଲରେ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି ବଂଶୀଧର ମହାପାତ୍ର। ସେ ରାୟଗଡା ଦେଇ ମଙ୍ଗଳବାର ଜୟପୁରରେ ପହଞ୍ଚିଛନ୍ତି। ତାଙ୍କର ଏହି ଦୁଃସାହସିକ ଓ ପ୍ରେରଣାଦାୟକ କାର୍ଯ୍ୟ ପାଇଁ ଜୟପୁର ପୌରପାଳିକା ସ୍ଥିତ ପାୱାର ହାଉସ ଛକଠାରେ ଟି.ପି. ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ସାଧାରଣ ପରିଚାଳକ ମନ୍ମଥ ନାଥ ମିଶ୍ର , ଅଭିଯୋଗ ପ୍ରତିକାର ବିଚାର ପୀଠର ସଭାପତି ତପନରଶ୍ମି ସୁବୁଦ୍ଧି ଓ ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ମହାପାତ୍ରଙ୍କ ପ୍ରଶଂସାକରି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ସୌମ୍ୟରଞ୍ଜନ ଲେଙ୍କା, ଜୀବନଜ୍ୟୋତି ମିଶ୍ର , ସୁରଜିତ୍ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇସିଏଆର୍‌ରୁ ୨୦୧୬ରେ ଆସିଷ୍ଟାଣ୍ଟ ଫାଇନାନ୍ସ ଆଣ୍ଡ ଆକାଉଣ୍ଟ ଅଫିସର ପଦବୀରୁ ଅବସର ନେଇଥିବା ମହାପାତ୍ର, ଅବସର ଜୀବନରେ ସାଇକେଲ ଯାତ୍ରା ମାଧ୍ୟମରେ ନିଜକୁ ସୁସ୍ଥ ରଖିବା ଲକ୍ଷ୍ୟ ନେଇ ଭାରତର ବିଭିନ୍ନ ସ୍ଥାନକୁ ଯାତ୍ରା ୨୦୨୧ ମସିହାରୁ ଆରମ୍ଭ କରିଛନ୍ତି। ଏ ପର୍ଯ୍ୟନ୍ତ ସେ ୭ହଜାରରୁ ଉର୍ଦ୍ଧ୍ୱ କିଲୋମିଟର ପଥ ଅତିକ୍ରମ କରି ସାରିଛନ୍ତି।

## କୋରାପୁଟ ଏମ୍‌ପି, ବିଧାନସଭା ଆସନରେ ବିଏସ୍‌ପି ପ୍ରାର୍ଥୀ ଦେବ



ବିଏସ୍‌ପିର ଲୋକସଭା ସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

କୋରାପୁଟ, ୨୨।୮ (ଅମିତାଭ ବେହେରା)

### ବିଏସ୍‌ପିର ଲୋକସଭାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

କୋରାପୁଟସ୍ଥିତ ଟାଉନ ହଲଠାରେ ବହୁଜନ ସମାଜ ପାର୍ଟିର କୋରାପୁଟ ଲୋକସଭା ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଦଳର ରାଷ୍ଟ୍ରୀୟ ଅଧକ୍ଷା ମାୟାବତୀଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ଓଡିଶା ରାଜ୍ୟ ପ୍ରଭାରୀ ଧର୍ମବୀର ସିଂ ଅଶୋକ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କୋରାପୁଟ ଲୋକସଭା ଆସନ ସମେତ ଜିଲାର ସମସ୍ତ ବିଧାନସଭା ଆସନରେ ବିଏସ୍‌ପି ତାର ପ୍ରାର୍ଥୀ ଦେବ ସିଂ ଅଶୋକ ବୋଲି ପ୍ରକାଶ କରିଥିଲେ। ଶାସକ ଦଳର ନେତାମାନେ ଲୋକମାନଙ୍କ ପାଇଁ କାର୍ଯ୍ୟ ନ କରି ପରସ୍ପରର ଦୋଷ ଲଦାଲଦିରେ ବ୍ୟସ୍ତ ବୋଲି ସେ ଅଭିଯୋଗ କରିଥିଲେ। ଓଡିଶା ରାଜ୍ୟରେ ବିଏସ୍‌ପି ଆସନ୍ତା ବିଧାନସଭା ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ପାଇଁ ରାଜ୍ୟର ସମସ୍ତ ଲୋକସଭା ସ୍ତରରେ କର୍ମକର୍ତ୍ତା ସମ୍ମିଳନୀ ଆୟୋଜନ କରିବ ବୋଲି ସେ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ ରାଜ୍ୟ ସଭାପତି ଟଙ୍କଧର ନାଗ,କୋରାପୁଟ ଜିଲା ସଭାପତି ଜଗବନ୍ଧୁ ମାର୍ଣ୍ଡି, ରାୟଗଡା ଜିଲା ସଭାପତି ଜିତୁ ଜକେସିକାଙ୍କ ସମେତ କୋରାପୁଟ ଓ ରାୟଗଡା ଜିଲାର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସମ୍ମିଳନୀ ପୂର୍ବରୁ ବିଏସ୍‌ପିର କର୍ମକର୍ତ୍ତାମାନେ ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ।

## ଆଇନ ସଚେତନତା ଶିବିର

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ଆନୁକୂଲ୍ୟରେ ଶିଶୁ ଯତ୍ନ, ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା, ପୋକ୍‌ସୋ ଅଧିନିୟମ ଉପରେ ମଙ୍ଗଳବାର ଜୟପୁରସ୍ଥିତ ପୌର ଉଚ୍ଚ ବାଳିକା ବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ଜୟପୁର ଲୋକ ଅଦାଲତ ବିଚାରପତି ସୁମନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜୟପୁର ସ୍ୱତନ୍ତ୍ର ପିପି ଡଃ.ଗାୟତ୍ରୀ ଦେବୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, କୋରାପୁଟ ଶିଶୁ ସୁରକ୍ଷା ଅଧିକାରୀ ଗାୟତ୍ରୀ ପାତ୍ର, ସ୍କୁଲ ପ୍ରଧାନ ଶିକ୍ଷକ ଦୟାନିଧି ବାହାରୀ ଏବଂ ସହକାରୀ ଶିକ୍ଷୟିତ୍ରୀ ନଳିନୀ ମହାପାତ୍ର ଅତିଥିଭାବେ ଉପସ୍ଥିତ ଥିଲେ। ଶିଶୁ ମାନଙ୍କୁ ଯୌନ ଶୋଷଣରୁ ରକ୍ଷାକରି ସେମାନଙ୍କୁ ସୁରକ୍ଷା ଦେବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ଆଗାମୀ ପିଢ଼ିର ଭବିଷ୍ୟତ। ପାଠ ପଢ଼ି ନିଜ ଭବିଷ୍ୟତକୁ ଠିକ ଦିଗରେ ନେବାକୁ ଉପଦେଶ ଦେଇଥିଲେ।

## ଡେଙ୍ଗୁ, ମ୍ୟାଲେରିଆ ନେଇ ସଚେତନତା କାର୍ଯ୍ୟକ୍ରମ



ଡେଙ୍ଗୁ ଓ ମ୍ୟାଲେରିଆ ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରୁଛନ୍ତି।

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)

ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡ୍‌କ୍ରସ୍ ଶାଖା ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ଉପରେ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଡ.ମନୋଜ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ବ୍ୟାପିବାର କାରଣ, ନିରାକରଣ ଓ ତାର ଲକ୍ଷଣ ଉପରେ ଅବଗତ କରାଇଥିଲେ। ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ କାର୍ଯକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ,ବିଶ୍ୱ ରଞ୍ଜନ ଗୌଡ଼, ହିତକର ଚରତି, ନରେଶ ଷଡଙ୍ଗୀ, ସୁବର୍ଣ୍ଣ କୁମାରୀ ଖିଲ ସହଯୋଗ କରିଥିଲେ।

## ଏସ୍‌ସି ବିଭାଗ ନିର୍ଦ୍ଦେଶକଙ୍କ ଏସ୍‌ଏସ୍‌ଡି ବିଦ୍ୟାଳୟ ପରିଦର୍ଶନ

ଚିତ୍ରକୋଣ୍ଡା, ୨୨।୮ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଚିତ୍ରକୋଣ୍ଡା ସରକାରୀ ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟକୁ ବିଭିନ୍ନ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରି ପ୍ରଶଂସା କରିଛନ୍ତି। ଏସ୍‌ସି ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମଣ ମଲିକ, ମାଲକାନଗିରି ପିଏ ଆଇଟିଡିଏ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ଏବଂ ଡବ୍ଲ୍ୟୁଓ ପ୍ରଶାନ୍ତ ବାଉରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ଶ୍ରେଣୀ ଗୃହ, ହଷ୍ଟେଲ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିବେଶ ସ୍ୱଚ୍ଛ ଏବଂ ପରିସ୍କାର ଭଲ ଥିଲା। ଆଉ ଟିକେ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ତ୍ରିପାଠୀଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ଚଳିତ ବର୍ଷ ବିଦ୍ୟାଳୟ ରେଜଲ୍ଟ ଉପରେ ଆଲୋଚନା କରି ପିଲାଙ୍କୁ ଏକ୍ସଟ୍ରା କ୍ଲାସ କରି ଭଲ ରେଜଲ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ନିର୍ଦ୍ଦେଶକ ଲକ୍ଷ୍ମଣ ମଲିକଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଉଛି।

# ନାରାୟଣପାଟଣାରେ ମାଓବାଦୀ ବ୍ୟାନର

କୋରାପୁଟ/ନାରାୟଣପାଟଣା, ୨୨।୮ (ଅମିତାଭ ବେହେରା/ ରାଜକିଶୋର ଜେନା)




ମରାଯାଇଥିବା ବ୍ୟାନର।

କୋରାପୁଟ ଜିଲାର ନାରାୟଣପାଟଣାରେ ଦୀର୍ଘ ବର୍ଷ ପରେ ମଙ୍ଗଳବାର ମାଓବାଦୀଙ୍କ ବ୍ୟାନର ମରାଯାଇଛି। ନାରାୟଣପାଟଣା ବ୍ଲକର ଚିନ୍ତାଗୁଡା ଗ୍ରାମ ନିକଟରେ ଥିବା ଡ୍ୟାମଠାରେ ମାଓବାଦୀଙ୍କ ଶ୍ରୀକାକୁଲମ ଡିଭିଜନ ପକ୍ଷରୁ ଏହା ମରାଯାଇଛି। ସିପିଆଇ ମାଓବାଦୀଙ୍କ ପକ୍ଷରୁ ମରାଯାଇଥିବା ଏହି ବ୍ୟାନର ଜରିଆରେ ମାଓବାଦୀମାନେ ପ୍ରସ୍ତାବିତ ଚିନ୍ତାଗୁଡା ପ୍ରକଳ୍ପକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ବ୍ୟାନରରେ ସାବଧାନ , ଲାଲ ସଲାମ ବୋଲି ଲେଖାଯିବା ସହ ଏହି ଜଙ୍ଗଲ ଓ ଜମି ଆମର, ଆମେ ଆଦିବାସୀଙ୍କର। ଏଥିରେ ସରକାରଙ୍କ ହସ୍ତକ୍ଷେପ ଆମେ ବରଦାସ୍ତ କରିବୁ ନାହିଁ। ସବୁ ଜନ ପ୍ରତିନିଧିଙ୍କୁ ସାବଧାନ କରାଇ ଏଠାରେ କୌଣସି କାମ କରାଇଦେବୁ ନାହିଁ ବୋଲି ଉଲ୍ଲେଖ ରହିଛି। ଏପରି ବ୍ୟାନର ଲଗାଯାଇଥିବା ଜାଣିବା ପରେ ନାରାୟଣପାଟଣା ପୋଲିସ ଏହାକୁ ଜବତ କରିଛି। ତେବେ ଏହା ମାଓବାଦୀଙ୍କ ଦ୍ୱାରା ମରାଯାଇଛି କି ଅନ୍ୟ କୌଣସି ବ୍ୟକ୍ତିମାନଙ୍କ କାର୍ଯ୍ୟ ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ତଳେ ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟ ଜାରି ରହିଥିଲା। ମାତ୍ର ଏଠାରେ ବିଏସ୍‌ଏଫ୍ ମୁତୟନ ହେବା ପରେ ପ୍ରାୟ ୫ ବର୍ଷ ହେଲା ମାଓବାଦୀଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ତେବେ ଗତ ୨ ବର୍ଷ ତଳେ ଏଠାରେ ଥିବା ବିଏସ୍‌ଏଫ୍ ବାଟାଲିୟନକୁ ଅନ୍ୟତ୍ର ପଠାଯାଇଛି । ଏହାର ସୁଯୋଗ ନେଇ ମାଓବାଦୀମାନେ ଉକ୍ତ ଅଞ୍ଚଳରେ ପଣି ବ୍ୟାନର ମାରି ନିଜ ଉପସ୍ଥିତି ଜାହିର କରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ନାରାୟଣପାଟଣା ଥାନା କୁମ୍ଭାରୀ ପଞ୍ଚାୟତ ଚିନ୍ତାଗୁଡ଼ା ଗ୍ରାମ ଝଞ୍ଜାବତୀ ନଦୀ ଉପରେ ୧୪୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଚିନ୍ତାଗୁଡ଼ା ଡ୍ୟାମ୍ କୁ ମାଓବାଦୀମାନେ ବିରୋଧ କରି ଆସୁଛନ୍ତି।

### ଚିନ୍ତାଗୁଡା ପ୍ରକଳ୍ପକୁ ବିରୋଧ କରି ମାରିଛନ୍ତି

